# Video Conference between Joint Secretary (East Asia) and Director General in Chinese Ministry of Foreign Affairs

June 05, 2020

---

# ସଂଯୁକ୍ତ ସଚିବ (ପୂର୍ବ ଏସିଆ) ଏବଂ ଚୀନ୍ ବୈଦେଶିକ ମନ୍ତ୍ରାଳୟର ମହାନିର୍ଦ୍ଦେଶକଙ୍କ ମଧ୍ୟରେ ଭିଡିଓ କନଫରେନ୍ସ ମାଧ୍ୟମରେ କଥାବାର୍ତ୍ତା

ଜୁନ୍ 05, 2020

ଶ୍ରୀ ନବୀନ ଶ୍ରୀବାସ୍ତବ, ସଂଯୁକ୍ତ ସଚିବ (ପୂର୍ବ ଏସିଆ) ଏବଂ ଶ୍ରୀ ବୁ ଜିଆଙ୍ଗହୋ ଚୀନ୍ ବୈଦେଶିକ ମନ୍ତ୍ରାଳୟର ମହାନିର୍ଦ୍ଦେଶକ ଜୁନ୍ 05, 2020ରେ ଭିଡିଓ କନଫରେନ୍ସ ମାଧ୍ୟମରେ ଏକ ବୈଠକ କରିଛନ୍ତି।

ଉଭୟ ପକ୍ଷ ସାମ୍ପ୍ରତିକ ବିକାଶ ସହିତ ଦ୍ୱିପକ୍ଷୀୟ ସମ୍ପର୍କର ସ୍ଥିତି ଉପରେ ସମୀକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଦୁଇ ଦେଶର ନେତାଙ୍କ ଭିତରେ ହୋଇଥିବା ସହମତିକୁ ମନେ ପକାଇ ଦେଇଛନ୍ତି ଯେ ଭାରତ ଏବଂ ଚୀନ୍ ମଧ୍ୟରେ ଶାନ୍ତିପୂର୍ଣ୍ଣ, ସ୍ଥିର ଏବଂ ସନ୍ତୁଳିତ ସମ୍ପର୍କ ବର୍ତ୍ତମାନର ବିଶ୍ୱ ସ୍ଥିତିରେ ସ୍ଥିରତା ପାଇଁ ଏକ ସକରାତ୍ମକ କାରକ ହେବ। କଥାବାର୍ତ୍ତା ସମୟରେ ଉଭୟ ପକ୍ଷ ଏହି କଥାରେ ସହମତ ହୋଇଛନ୍ତି ଯେ ନେତୃତ୍ୱ ଦ୍ୱାରା ପ୍ରଦାନ କରାଯାଇଥିବା ମାର୍ଗଦର୍ଶନ ଅନୁସାରେ, ଉଭୟ ପକ୍ଷ ପରସ୍ପରର ସମ୍ବେଦନଶୀଳତା, ଚିନ୍ତା ଏବଂ ଆକାଂକ୍ଷାକୁ ସମ୍ମାନ କରିବାର ଗୁରୁତ୍ୱକୁ ଧ୍ୟାନରେ ରଖି ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ନିଜର ମତଭେଦକୁ ପରିଚାଳନା କରିବା ଉଚିତ ଏବଂ ତାହାକୁ ବିବାଦରେ ପରିଣତ ହେବାକୁ ନ ଦେବା ଉଚିତ।

ଉଭୟ ପକ୍ଷ କଥାବାର୍ତ୍ତା ସମୟରେ କୋଭିଡ -19 ମହାମାରୀ ଯୋଗୁଁ ଉତ୍ପନ୍ନ ହୋଇଥିବା ଚ୍ୟାଲେଞ୍ଜ ଉପରେ ମତ ବିନିମୟ କରିଥିଲେ ଏବଂ ତା ସହିତ ବିଭିନ୍ନ ବହୁପକ୍ଷୀୟ ଫୋରମରେ ମଧ୍ୟ ସହଯୋଗ ପାଇଁ କଥାବାର୍ତ୍ତା କରିଥିଲେ।

**ନୂଆ ଦିଲ୍ଲୀ**
**ଜୁନ୍ 05, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.